# NATIONAL NEWS BULLETIN (ODIA)

## 11 March - 2025

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ସେଣ୍ଟ୍ରାଲ୍ ୟୁନିଭରସିଟି ଅଫ୍ ପଞ୍ଜାବ ଏବଂ ଭଟିଣ୍ଡା ଏମସ୍‌ର ସମାବର୍ତ୍ତନ ସମାରୋହରେ ଆଜି ଯୋଗଦେବେ ରାଷ୍ଟ୍ରପତି ।
- ଭାରତ ଓ ମରିସସ୍‌ର ଇତିହାସ ଏବଂ ସଂସ୍କୃତି ପରସ୍ପର ସହ ଜଡ଼ିତ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ୨୦୨୪-୨୫ ବର୍ଷ ପାଇଁ ଖାଦ୍ୟଶସ୍ୟ ଉତ୍ପାଦନ ଆକଳନ ରିପୋର୍ଟ୍ ଉନ୍ମୋଚନ କଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ସିରିଆରର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଘୋଷଣା – ଶେଷ ହୋଇଛି କ୍ଷମତାଚ୍ୟୁତ ରାଷ୍ଟ୍ରପତି ଅସଦ୍‌ଙ୍କ ସମର୍ଥକଙ୍କ ବିରୋଧରେ ସାମରିକ ଅଭିଯାନ ।

ଏବଂ

- ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତା ।

# ରାଷ୍ଟ୍ରପତି

ତିନି ଦିନିଆ ହରିଆଣା, ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଞ୍ଜାବରେ ପହଞ୍ଚିବେ । ରାଷ୍ଟ୍ରପତି ସେଣ୍ଟ୍ରାଲ୍ ୟୁନିଭରସିଟି ଅଫ୍ ପଞ୍ଜାବ ଏବଂ ଅଖିଳ ଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ ଏମସ୍ ଭଟିଣ୍ଡାର ସମାବର୍ତ୍ତନ ସମାରୋହରେ ଆଜି ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ପଞ୍ଜାବ ରାଜ୍ୟପାଳ ଗୁଲାବଚାନ୍ଦ କଟାରିୟା ଅନ୍ୟ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହିବେ । ସେଣ୍ଟ୍ରାଲ୍ ୟୁନିଭରସିଟିରେ ରାଷ୍ଟ୍ରପତି ୧ହଜାର ୩୧ ଜଣଙ୍କୁ ସ୍ନାତୋକତ୍ତର ଡିଗ୍ରୀ, ୬୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ଏବଂ ୪୩ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ । ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ପାଞ୍ଚ ଜଣଙ୍କୁ ସମ୍ମାନଜନକ ଡିଲିଟ୍ ଡିଗ୍ରୀ ରାଷ୍ଟ୍ରପତି ପ୍ରଦାନ କରିବେ । ଏମସ୍ ଭଟିଣ୍ଡା ଠାରେ ରାଷ୍ଟ୍ରପତି ଚିକିତ୍ସା ବିଜ୍ଞାନର ବିଭିନ୍ନ କ୍ଷେତ୍ରର କୃତି ଛାତ୍ରଛାତ୍ରୀଙ୍କୁ ୭୨ଟି ଡିଗ୍ରୀ ଏବଂ ପଦକ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।  ସନ୍ଧ୍ୟାରେ ମୋହାଲି ଠାରେ ପଞ୍ଜାବ ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଏକ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ରାଷ୍ଟ୍ରପତି ଯୋଗଦେବେ । ଆସନ୍ତାକାଲି ରାଷ୍ଟ୍ରପତି ଚଣ୍ଡିଗଡ଼ ଠାରେ

ପଞ୍ଜାବ ୟୁନିଭରସିଟିର ୭୨ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧନ କରିବେ ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ହରିଆଣାର ହିସାର ସ୍ଥିତ ଗୁରୁ ଜାମ୍ଭେଶ୍ୱର ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ । ପରେ ରାଷ୍ଟ୍ରପତି ବ୍ରହ୍ମ କୁମାରୀ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ‘ସାମଗ୍ରୀକ କଲ୍ୟାଣ ପାଇଁ ଆଧ୍ୟାତ୍ମିକ ଶିକ୍ଷା’ର ଶୁଭାରମ୍ଭ କରିଥିଲେ ।

# ପିଏମ୍-ମରିସସ୍

ଦୁଇ ଦିନିଆ ମରିସସ୍ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ପୋର୍ଟ୍‌ଲୁଇସ୍‌ରେ ପହଞ୍ଚିବେ । ଗସ୍ତ ସମ୍ପର୍କରେ ମତାମତ ଦେଇ ପ୍ରଧାନମନ୍ତ୍ରୀ ଗତକାଲି କହିଛନ୍ତି, ମରିସସ୍ ହେଉଛି ଭାରତର ଏକ ଘନିଷ୍ଠ ସାମୁଦ୍ରିକ ପଡ଼ୋଶୀ ରାଷ୍ଟ୍ର । ଭାରତ ମହାସାଗର ଏକ ପ୍ରମୁଖ ସହଯୋଗୀ ଏବଂ ଆଫ୍ରିକା ମହାଦେଶର ପ୍ରବେଶପଥ । ଉଭୟ ଦେଶର ଇତିହାସ ଏବଂ ସଂସ୍କୃତି ପରସ୍ପର ସହ ଜଡ଼ିତ । ଏହି ଗସ୍ତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦ୍ୱିପାକ୍ଷିକ ଭାଗିଦାରିକୁ ଅଧିକ

ସୁଦୃଢ଼ କରିବା ଏବଂ ଲୋକଙ୍କ ପ୍ରଗତି ଓ ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ମରିସସ୍ ଶୀର୍ଷ ନେତୃବୃନ୍ଦଙ୍କ ସହ ଆଲୋଚନା ହେବ ।

ପ୍ରଧାନମନ୍ତ୍ରୀ ଆଜି ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରତିଷ୍ଠାତା ସିଓ୍ୱସାଗୁର ରାମଗୁଲାମ ଏବଂ ମରିସସର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସାର୍ ସିଓ୍ୱସାଗୁର ରାମଗୁଲାମ୍ ବଟାନିକାଲ ଗାର୍ଡେନ୍ ଗସ୍ତ କରିବେ। ସେଠାରେ ସେ ଏକ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ ।

ଏହା ପରେ ପ୍ରଧାନମନ୍ତ୍ରୀ ମରିସସ୍ ରାଷ୍ଟ୍ରପତି ଧର୍ମବୀର ଗୋଖୁଲ, ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମ ଏବଂ ମରିସସ୍‌ର ବିଶିଷ୍ଟ ବ୍ୟକ୍ତି ଏବଂ ରାଜନୈତିକ ଦଳର ନେତାମାନଙ୍କ ସହ ବୈଠକ କରିବେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଭାରତୀୟ ନୌସେନାର ଏକ ଜାହାଜ ସହ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏହି ସମାରୋହରେ ଅଂଶଗ୍ରହଣ କରିବେ । ସାମୁଦ୍ରିକ ନିରାପତ୍ତା, ଦକ୍ଷତାବୃଦ୍ଧି ଏବଂ ବାଣିଜ୍ୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବ ବୋଲି ଆଶା କରାଯାଉଛି ।

# ଖରିଫ୍ ଖାଦ୍ୟଶସ୍ୟ ଉତ୍ପାଦନ

୨୦୨୪-୨୫ ବର୍ଷ ପାଇଁ ଖରିଫ୍ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୧ହଜାର ୬୬୪ ଲକ୍ଷ ଟନ୍ ହେବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରମୁଖ କୃଷି ଫସଲ ଉତ୍ପାଦନର ଦ୍ୱିତୀୟ ଆଗୁଆ ଆକଳନ ଅନୁଯାୟୀ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧ହଜାର ୬୪୫ ଲକ୍ଷ ଟନ୍‌ରୁ ଅଧିକ ହେବ । ଖରିଫ୍ ଧାନ ଉତ୍ପାଦନ ୧ହଜାର ୨୦୬ ଲକ୍ଷ ଟନ୍‌ରୁ ଅଧିକ ହେବ ବୋଲି ପୂର୍ବାନୁମାନ କରାଯାଇଛି । ୨୦୨୩-୨୪ ବର୍ଷରେ ଏହା ୧ହଜାର ୧୩୨ ଲକ୍ଷ ଟନ୍‌ରେ ସୀମିତ ଥିଲା । ହରଡ଼ ୩୫ ଲକ୍ଷ ୧୧ ହଜାର ଟନ୍ ଏବଂ ଚଣା ୧୧୫ ଲକ୍ଷ ୩୫ ହଜାର ଟନ୍ ହେବ ବୋଲି ମନ୍ତ୍ରଣାଳୟ ଆକଳନ କରିଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ରିପୋର୍ଟ ଉନ୍ମୋଚନ କରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷି କ୍ଷେତ୍ରର ବିକାଶ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଏହି ଅବସରରେ କୃଷି ଏବଂ କୃଷକଙ୍କ ପ୍ରୋତ୍ସାହନ ଦିଗରେ ନିଆଯାଇଥିବା ବିଭିନ୍ନ ଯୋଜନା ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋକପାତ କରିଥିଲେ ।

# ସିରିଆ ମିଲିଟାରୀ ଅପରେସନ୍

ସିରିଆର ମଧ୍ୟବର୍ତ୍ତୀକାଳୀନ ସରକାର କହିଛନ୍ତି, କ୍ଷମତାଚ୍ୟୁତ ରାଷ୍ଟ୍ରପତି ବସର ଅଲ୍ ଅସଦ୍‌ଙ୍କ ସମର୍ଥକଙ୍କ ବିରୋଧରେ ଚାଲିଥିବା ସାମରିକ ଅଭିଯାନ ଶେଷ ହୋଇଛି । ୧୩ ବର୍ଷ ଧରି ଦେଶରେ ଚାଲିଥିବା ଗୃହ ଯୁଦ୍ଧ ଗତ ଡିସେମ୍ବରରେ  ଶେଷ ହେବା ପରେ ଏହା ସବୁଠାରୁ ବଡ଼ ଲଢ଼େଇ ଥିଲା ବୋଲି ସରକାର କହିଛନ୍ତି ।

ସୂଚନା ଯୋଗ୍ୟ ଲାଟାକିଆ ସହର ନିକଟରେ ପୁଲିସ୍ ପୋଟ୍ରୋଲିଂ ଉପରେ ଗତ ଗୁରୁବାର ବନ୍ଧୁକଧାରୀଙ୍କ ଆକ୍ରମଣ ପରେ ସଂଘର୍ଷ ଆରମ୍ଭ ହୋଇଥିଲା । ସିରିଆର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ହିଂସାକାଣ୍ଡ ବ୍ୟାପିବା ଯୋଗୁଁ ସାଧାରଣ ନାଗରିକଙ୍କ ସମେତ ଅନେକ ମୃତାହତ ହୋଇଥିଲେ । ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି, ସୁରକ୍ଷା ବାହିନୀ କ୍ଷମତାଚ୍ୟୁତ ରାଷ୍ଟ୍ରପତି ଅସଦ୍‌ଙ୍କ ସମର୍ଥଙ୍କୁ ଖୋଜିବା ପ୍ରୟାସ ଜାରି ରଖିଛି ।

ଅନ୍ୟ ପକ୍ଷରେ ହିଂସା କାର୍ଯ୍ୟକଳାପକୁ ବନ୍ଦ ରଖିବାକୁ ବିଶ୍ୱ ନେତୃବୃନ୍ଦ ଆହ୍ୱାନ ଦେଇଥିବା ବେଳେ ଗତକାଲି ଜାତିସଂଘ ନିରାପତ୍ତା ପରିଷଦ ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ ଏବଂ ଆର୍‌ମେନିଆର ସମ୍ପର୍କ  ବେଶ୍ ସୁଦୃଢ଼ । ଦିଲ୍ଲୀରେ ଗତକାଲିର ଆର୍‌ମେନିଆର ବୈଦେଶିକ ମନ୍ତ୍ରୀ ଆରାତ ମିର୍ଯୋୟାନଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପ୍ରତିରକ୍ଷା ସହଯୋଗ ନେଇ ଡକ୍ଟର ଜୟଶଙ୍କର ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତରେ ପ୍ରଥମ ଆର୍‌ମେନିଆନ୍ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ।

## ଏଲ୍‌ଏସ୍-ଓ୍ୱାର୍କର

ସରକାର କହିଛନ୍ତି, ଇ-ଶ୍ରମ ପୋର୍ଟାଲ୍ ଅଧୀନରେ ୩୦ କୋଟି ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ଏହି ପୋର୍ଟାଲ୍ ୨୦୨୧ ମସିହାରେ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ଏକ ବ୍ୟାପକ ଜାତୀୟ ଡାଟାବେଶ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା । ଲୋକସଭାରେ ଏକ ଲିଖିତ ଉତ୍ତରରେ ଶ୍ରମ ଏବଂ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି, ମୋଟ୍ ପଞ୍ଜିକୃତ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ମହିଳା ରହିଛନ୍ତି । ସେ କହିଛନ୍ତି, ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ପକ୍ଷରୁ ଇ-ଶ୍ରମ ସହ ୧୩ଟି ଯୋଜନାକୁ ସମନ୍ୱୟ କରାଯାଇଛି । ସେ ଗୁଡ଼ିକ ମଧ୍ୟରେ ପି.ଏମ୍.

ସ୍ୱନିଧି, ପ୍ରଧାନମନ୍ତ୍ରୀ ସୁରକ୍ଷା ବିମାନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଆୱାସ ଯୋଜନା ଗ୍ରାମୀଣ ଏବଂ ଆୟୁଷ୍ମାନ୍ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରହିଛି ।

## ପାରା ଆଥଲେଟିକ୍ସ

ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ଆଜି ଅପରାହ୍ଣରେ ବିଶ୍ୱ ପାରା ଆଥ୍ଲେଟିକ୍ସ ଗ୍ରାଣ୍ଡ ପ୍ରି ୨୦୨୫ ପ୍ରତିଯୋଗିତା ଆରମ୍ଭ ହେବ । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୪୫ ଜଣ ଭାରତୀୟ ପ୍ରତିଯୋଗୀ ଏବଂ ୨୦ଟି ଦେଶର ୧୦୫ ଜଣ ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ମିଶାଇ ୨୫୦ ଜଣ ପାରା ଆଥ୍ଲେଟ୍ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ୯୦ଟି ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ୟାରିସ୍ ୨୦୨୪ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାର, ନବଦୀପ ସିଂହ ଏବଂ ଧର୍ମବୀରଙ୍କ ନେତୃତ୍ୱରେ ଭାରତୀୟ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

# ମହିଳା କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଗୁଜରାଟ୍ ଜାଏଣ୍ଟସ୍‌କୁ ୯ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଗୁଜରାଟ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୭୯ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ କୌର ୩୩ଟି ବଲ୍‌ରୁ ୫୪ରନ୍ ସଂଗ୍ରହ କରିଥିଲେ । ୧୮୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ୧୭୦ରନ୍ କରିବାକୁ ସକ୍ଷମ ହୋଇଥିଲା । ହରମନପ୍ରୀତ କୌର ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଉଭୟ ଦଳ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନିତ ହୋଇସାରିଛନ୍ତି । ଅନ୍ୟ ପକ୍ଷରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁ.ପି. ୱାରିୟର୍ସ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।

ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍ ଠାରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ସନ୍ଧ୍ୟା ସାଢ଼େ ସାତଟାରେ ମ୍ୟାଚ୍ ଖେଳାଯିବ ।

# ବ୍ୟାଡ୍‌ମିଣ୍ଟନ

ଇଂଲଣ୍ଡର ବର୍ମିଂହାମ୍ ଠାରେ ଆଜିଠାରୁ ବି.ଡବ୍ଲ୍ୟୁ.ଏଫ୍. ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍ ଆରମ୍ଭ ହେଉଛି । ମହିଳା ଏକକ ବର୍ଗରେ ଭାରତର ପି.ଭି. ସିନ୍ଧୁ ଏବଂ ମାଲବିକା ବଂଶୋଦଙ୍କ ମଧ୍ୟରେ ମୁକାବିଲା ହେବ । ସେହିଭଳି ପୁରୁଷ ଏକକ ବର୍ଗରେ ଲକ୍ଷ୍ୟସେନ୍ ଏବଂ ଏଚ୍.ଏସ୍. ପ୍ରଣୟ ପରସ୍ପରକୁ ଭେଟିବେ । ପୁରୁଷ ମିଳିତ ବର୍ଗରେ ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ସେହିଭଳି ଏହି ଟୁର୍ଣ୍ଣାମେଣ୍ଟର ପୂର୍ବରୁ ଦୁଇଥର ସେମିଫାଇନାଲ୍‌କୁ ଉନ୍ନିତ ହୋଇଥିବା ତ୍ରିଶା ଜୋଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ମଧ୍ୟ ଅଂଶଗ୍ରହଣ କରିଛନ୍ତି । ମିଳିତ ମହିଳା ବର୍ଗରେ ତନିଶା କାଷ୍ଟ୍ରୋ, ଅଶ୍ୱିନୀ ପୋନାପ୍ପା ଓ ପ୍ରିୟା କୋନ୍‌ଜେଙ୍ଗ୍‌ବାମ୍ ଏବଂ ଶ୍ରୁତି ମିଶ୍ରଙ୍କ ଯୋଡ଼ି ଅଂଶଗ୍ରହଣ କରୁଛନ୍ତି । ରୋହୋନ କାପୁର ଏବଂ ଋତ୍ୱିକ୍ ଗଡ୍ଡେ, ସତୀଶ କୁମାର କରୁଣାକରନ ଏବଂ ଆଦ୍ୟା ଭରିୟାଥ୍ ଓ ଧ୍ରୁବ କପିଲା ଏବଂ ତନିଶା କ୍ରାଷ୍ଟୋଙ୍କ ଯୋଡ଼ି ମିଳିତ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି । ପୂର୍ବରୁ ପ୍ରକାଶ ପାଦୁ୍ୟକନ ଏବଂ ପୁଲ୍ଲେଲା ଗୋପୀଚାନ୍ଦ ଭାରତୀୟ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଟାଇଟଲ ହାସଲ କରିଥିଲେ ।